# ତହସିଲଦାର, ସଦର, ସମ୍ବଲପୁରଙ୍କ ଅଦାଲତ

**ଜମି ହସ୍ତାନ୍ତର (Lease Misc.) ମୋକଦ୍ଦମା ନଂ:** 07/2025

## ସର୍ବସାଧାରଣ ଇସ୍ତାହାର

**ପି. ଆର.** 112 **ତାରିଖ:** 30.06.2025

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା ବଲବସପୁର ଅନ୍ତର୍ଗତ ନିମ୍ନ ଟଫସିଲ ଭୁକ୍ତ ସରକାରୀ ଜମି କୁ ଇଡ୍କୋ, ଭୁବନେଶ୍ୱର ର ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ହସ୍ତାନ୍ତର କରିବାପାଇଁ ପ୍ରସ୍ତାବ ନିମ୍ନ ସାକ୍ଷରକାରୀଙ୍କ ଅଦାଲତରେ ବିଚାରାଧିନ ରହିଛି । ନିମ୍ନଲିଖିତ ସରକାରୀ ଜମି ଆବାଦ ଅଯୋଗ୍ୟ ଅନାବାଦୀ ଖାତା, କିସମ " ପଥର ଚଟାଣ " ରୁ ଆବାଦ ଯୋଗ୍ୟ ଅନାବାଦୀ ଖାତା "ପତିତ" କିସମ "କୁ ପରିବର୍ତ୍ତନ କରିବା ନିମନ୍ତେ Rule 34 (e) of O.S. & S Rules, 1962 ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ଜାରି ହେବାର ୧୫ଦିନ ମଧ୍ୟରେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଲିଖିତ ଆକାରରେ ଆପତ୍ତି ଦରଖାସ୍ତ ଟ.୨୦.୦୦ କୋର୍ଟ ଫିଜ ଦେଇ ନିମ୍ନ ସାକ୍ଷରକାରୀଙ୍କ ଅଦାଲତରେ ଆପତ୍ତି କଲେ ନିୟମାନୁଯାୟୀ ବିଚାର କୁ ନିଆଯିବ। ନିର୍ଦ୍ଧାରିତ ସମୟ ଅତିବାହିତ ପରେ ଆପତ୍ତି କଲେ କାହାରି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

Land schedule

| ମୌଜା | ଖାତା ନଂ | ପ୍ଲଟ ନଂ | ରକବା ଏକରରେ | କିସମ | ପ୍ରସ୍ତାବିତ କିସମ |
|---|---|---|---|---|---|
| ବଲବସପୁର | 169 (ଆବାଦ ଅଯୋଗ୍ୟ ଅନାବାଦୀ) | 119 | 10.17 | ପଥର ଚଟାଣ | ପତିତ |
| **Total** | **1 ଖାତା** | **1 ପ୍ଲଟ** | **10.17** | | |

(Signature) 30.06.25

ତହସିଲଦାର,ସଦର,ସମ୍ବଲପୁର
**Addl. Tahasildar**
**Sambalpur**

ଜ୍ଞାପକସଂଖ୍ୟା 113 ତା 30.06.25

ଏହାର ଏକକିତା ନକଲ, ସରପଞ୍ଚ, / ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା।

(Signature)

ତହସିଲଦାର,ସଦର,ସମ୍ବଲପୁର
Addl. Tahasildar
Sambalpur

ଜ୍ଞାପକସଂଖ୍ୟା 114 ତା 30.06.25

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DeGM , Sambalpur ) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା। ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା।

(Signature) 30.06.25

ତହସିଲଦାର,ସଦର,ସମ୍ବଲପୁର
Addl. Tahasildar
Sambalpur

ଜ୍ଞାପକସଂଖ୍ୟା............115............ତା.30.06.2021

ଏହାର ଏକକିତା ନକଲ ବଣଖଣ୍ଡ ଅଧିକାରୀ, (ହୀରାକୁଦ ବନ୍ୟପ୍ରାଣୀ ଖଣ୍ଡ ),ସମ୍ବଲପୁର / ମୁଖ୍ୟ ଯନ୍ତ୍ରୀ (ମହାନଦୀ ଅବବାହିକା ), ସମ୍ବଲପୁର ଙ୍କ ଅବଗତି ଓ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର,ସଦର,ସମ୍ବଲପୁର
Addl. Tahasildar
Sambalpur